# ଅଦାଦିଆ ଟା ଓ ବର୍ଷା

**ରଶ୍ମୀରେଖା ମହାନ୍ତି**

ପ୍ରାୟ ଅପରାହ୍ନ ସମୟ, ବାହାରେ ପ୍ରବଳ ଝଡ-ବର୍ଷା, ସ୍ୱାମୀ ଅଫିସ୍ ଆଉ ପିଲାମାନେ ସ୍କୁଲ୍ ରୁ ଫେରିନଥାନ୍ତି । ମନଟା ଭାରି ବ୍ୟସ୍ତ ଲାଗୁଥାଏ । ବାରମ୍ବାର ଝରକା ଖୋଲି ଦେଖୁଥାଏ ଆଉ ବର୍ଷା ପାଣିର ଛିଟକ୍ ମାରିବାରୁ ବନ୍ଦ କରିଦଉଥାଏ । ହଠାତ୍ କଲିଙ୍ଗ ବେଲ ବାଜିଲା । ତତ୍ପରତା ସହିତ ଦୁଆର ଖୋଲିଦେଇ ଅଂଟାରେ ଲୁଗାଭିଡି ମୁଣ୍ଡ ପୋଛି ଦଉ ଦଉ କହିଲି, କେତେଥର କହିଛି ସାଙ୍ଗରେ ରେନ୍‌କୋଟ୍ ଟା ନେବାକୁ, ସବୁବେଳେ କ'ଣ ମୁଁ ଥିବି ମନେପକାଇଦେବାକୁ । ଆଜି ବି ବର୍ଷାରେ ଜୁଡୁସୁଡୁ ଓଦା ନା ? ତୁମକୁ ଆଉ ବୁଝେଇ ହେବନି । ଜଲଦି ପ୍ୟାଂଟ ସାର୍ଟ ବଦଳି ଦିଅ କହି ଟ୍ରଉଜର ଦେଇ ଠେଲିଦେଲି ବାଥରୁମ୍ ଆଡକୁ, Kitchen ରେ ଟିକେ ଅଦାଦିଆ ଚା ଗୁଣୁଗୁଣୁ ହୋଇ ବନାଇ ଆଣିଲି । Tea Pot ଉପରେ Cup ରଖି ଡାକ ପକାଇଲି, ଜଲଦି ଆସ ନହେଲେ ଚା ଥଣ୍ଡା ହେଲେ ଚା ର ମଜ୍ଜା ସରିଜିବ ଯେ । ତାପରେ ସେପଟୁ ପାଦ ଧିରେ ଧିରେ Tea Pot ଆଡକୁ । ମୁଁ ହଠାତ୍ ଆଶ୍ଚର୍ଯ୍ୟ ହୋଇ ଛିଡା ହୋଇଗଲି, ସଂଯତ ହୋଇ ଲୁଗା ସଜାଡି ନେଇ ପଚାରିଲି ଆପଣ, ଆପଣ କିଏ ? ଆଉ ଆମ ଘର ଭିତରକୁ ଆସିଲେ କେମିତି ? ପୁଣି ମୋ Husband ଙ୍କ Trouser, Oh! My god ! ଆପଣଙ୍କ ସାହାସ କେମିତି ହେଲା ଜଣେ Police Officer ଙ୍କ ସ୍ତ୍ରୀ ଘରେ ଏକା ଥିବା ବେଳେ ପଶିଆସିବାକୁ । ମୁଁ ଗୋଟିଏ Call କଲେ ଆପଣ Lockup ରେ ଠିଆ ହୋଇଥିବେ । ଭିତରେ ଡର ଥାଉ ଉପରେ ରାଗରେ ମୁହଁ ଟା ଲାଲ୍ ହୋଇଯାଇଥାଏ । ବାହାରେ ବିଜୁଳି ଘଡଘଡିର ଚିକ୍ ମିକ୍ ଶବ୍ଦକୁ ଆଲୋକର ସମାହାର । ମୁଁ ପଣିଥରେ ଦୃଢ଼ କଣ୍ଠରେ ପୁଣିଥରେ କହିଲି ଜଲଦି ବାହାରିଯାଅ ନଚେତ୍ ! ନଚେତ୍ କଣ ତୁମେ ରାଗିଲେ କିଛି ବି କରିପାର, ଏଇଆ କହିବତ ? ଗୋଟେ ଶାନ୍ତ କଣ୍ଠସ୍ୱର, ମାନେ ମୁଁ ଚମକି ପଡିଲି ଆଖି ଦୁଇଟା ଜକେଇ ଆସିଲା । College ରେ କେହି Comment କଲେ ମୁ ରୀତିମତ ଏଇ dialogue ମାରୁଥିଲି । ଅଥଚ ....... ? ହାତେ ଲମ୍ବାବାଳ ଆଉ ଦାଢ଼ି ରଖିଥିବା ସାମ୍ନା ଲୋକଟିକୁ ନିରେଖି ଦେଖିଲି, ଆଉ ସେଇ ଆଖି ଦୁଇଟି ଟାଣି ନେଲା ମତେ ମୋ ଅତୀତକୁ । ଅତୀତରେ କେତେଥର ଯେ ଆମେ ଦୁହେଁ ଏକାଠି ବର୍ଷାରେ ତିନ୍ତିରୁ ତାର କଳ୍ପନା ନାହିଁ । ଆଉ ତିନ୍ତା ତିନ୍ତା ଦେହକୁ ପୋଛୁ ପୋଛୁ ମୁଁ କହିପକାଏ କେତେଥର କହିଛି ବର୍ଷାରେ Rain Coat ଟା ଆଣିବାକୁ । ସବୁବେଳେ କ'ଣ ମନେପକାଇବାକୁ ମୁଁ ଥିବି ? ଆଜି ବି ଜୁଡୁ ବୁଡୁ ଓଦା ନା ! ତାପରେ ସେ ମୁଣ୍ଡ ଠାରୁ ଗୋଡଯାଏ ମୋର ନଜର ବୁଲେଇଆଣି କୁହନ୍ତି ଆଉ ତୁମେ ? ମୁଁ ଇତସ୍ତତ ହୋଇ ସଜାଡିନିଏ ନିଜକୁ ଲାଜରେ । କେତେଥର ଯେ ଘଡଘଡି ଶବ୍ଦରେ ମୁଁ ତୁମ ପାଖକୁ ଲାଗିଯାଇଛି ଆଉ ତୁମେ ଯୋରରେ ମୋ କାନ ବନ୍ଦକରି କହିଛି, ଡରନି କିଛି ହେବନି ମୁଁ ପରା ଅଛି । ତାପରେ ଦୁହିଁଙ୍କ ପାଦବଢ଼େ College Centre ଆଡେ । ତୁମେ Order ଦିଅ 2Cup ଅଦାଦିଆ କଡା ଚା । ତାପରେ ଗପ ଛଳରେ କହିପକାଏ RainyCoat ଆଣିଥିଲେ କ'ଣ ଏ ମଜ୍ଜା ହୋଇଥାନ୍ତା । ମୁଁ

ସାଙ୍ଗେ ସାଙ୍ଗେ Avoid କରିବାକୁ ଯାଇ କୁହେ ଜଲଦି ଚା ପିଇନିଅ ନହେଲେ ଚା ର ମଜ୍ଜା ସରିଯିବ । ବାସ୍ , ତାପରେ ଦୁହେଁ ବାହାରିଆସୁ ।

କେତେଥର ଯେ ଗଛତଳେ, Bus stop, Hotel  ପାଖରେ ଛିଡାହୋଇଛେ ବର୍ଷାରୁ ଟିକେ ତ୍ରାହି ପାଇବାପାଇଁ, ହେଲେ ଏ ବର୍ଷା ଦିନ ଆମ ପିଛା ହଁ ଛାଡନି । ଆଉ ଆଜି ବି ଏଇମିତି ବର୍ଷାରେ ଆମେ ପରସ୍ପର ସାମ୍ନାରେ ! ଓଃ ...... !!! ଏ କି ସମୟ ! ମୁଁ ବାସ୍ତବତାକୁ ଫେରିଆସିଲି । ମୁଁ ଏବେ ବିବାହିତ ମୋର ସ୍ୱାମୀ ଆଉ ପିଲା ଅଛନ୍ତି । ମୁଁ ଏବେ formally ବସିବାକୁ କହିଲି ଆଉ ଗୋଟେ Cup ଅଦାଦିଆ ଗରମ ଚା ବଢ଼େଇ ଦେଇ କହିଲି  May be Centre  ଚା ଠାରୁ ଖରାପ ଲାଗିପାରେ । ଆଉ ସେ ଓଠରେ ଚା କପ ମାରୁମାରୁ କହିଲେ ତୁମ ହାତ ତିଆରି ଚା Centre ଚା ସହ କେବେ ତୁଳନୀୟ ହିଁ ନଥିଲା Dear. Oh! stop it please !  ତୁମ କଥାଗୁଡା ମତେ ଛନ୍ଦି ପକାଉଛି । ଏବେ ମୁଁ ବାସ୍ତବତାରେ ବହିରହିଛି । ମଲାନଈ, ରୂପାଜହ୍ନ, ଘାସ ଗାଲିଚା, ଦୂର ପାହାଡ, ଏ ସବୁଠୁ ମୁଁ ବେଶ୍ ଦୂରରେ । Actually ସେ ସବୁପାଇଁ ମୋର ଆଉ ବୟସ କି ସମୟ ନାହିଁ । Anyway  ତୁମେ କୁହ ତୁମ wife ଙ୍କ କଥା । Wife  ମୁଁ ଯେ ଏପର୍ଯ୍ୟନ୍ତ ଅବିବାହିତ । ପ୍ରେମିକ ମଲା ନଈ, ରୂପାଜହ୍ନ ଆଉ ଦୂର ପାହାଡ ର । ଆଜି ବି ମୁଁ ବର୍ଷାରେ ତିନ୍ତିବାକୁ ଭଲପାଏ । ଜାଣି ଜାଣି Raincoat ଭୂଲି ଆସେ ବର୍ଷାର ଟିକେ ମତୁଆଲା ସ୍ପର୍ଶପାଇଁ । ତାପରେ କଥାର ମୋଡ ବଦଳାଇ ..... । Actually officially କାମରେ ମୁଁ ଏ ଜାଗାକୁ ଆସିଥିଲି  ଆଉ ବର୍ଷାରେ ଭିଜିବାପରେ ଛିଡା ହୋଇଥିଲି ତୁମ ବାରଣ୍ଡାରେ ଯଦିଓ ଜାଣିନଥିଲି ଏ ଘର ତୁମର ବୋଲି । ବୋଧହୁଏ ଦୀର୍ଘ ୨୦ ବର୍ଷପରେ ଆମେ ଦୁହେଁ ଏକାଠି ଛିଡାହୋଇଛେ ବର୍ଷାରେ । ମୁଁ ତିନ୍ତିଛି ପ୍ରତିଟି ଅତୀତ ସ୍ମୃତିରେ ଆଉ ତୁମେ ନିଷ୍ଠୁର ବାସ୍ତବତାରେ । ପୁଣି Calling Bell ବାଜିଲା । ଏଥର ନିଶ୍ଚେ ମୋ Husband ଆସିଥିବେ ।, Towel ନେଇ ମୁଣ୍ଡପୋଛିଦେଲି ହେଲେ କହିପାରିଲିନି RainyCoat କଥାଟା । Husband ଚା ପାଇଁ order ଦେଇ ପଚାରିଲେ ଏ ଭଦ୍ରବ୍ୟକ୍ତି ଜଣକ କିଏ  ? ସେ ତାଙ୍କ ଆଡୁ Answer ଦେଲେ - ବର୍ଷାରେ ଯାଇନପାରି ଆପଣଙ୍କ ବାରଣ୍ଡାରେ ଆଶ୍ରା ନେଇଥିଲି ଆଉ ଆପଣଙ୍କ Madam ଦୟାକରି ଗୋଟେ ଅଦାଦିଆ ଚା Cup ଧରାଇଦେଲେ ତ ! Oh ! Its ok. No problem. Actually ସେ ମତେ ସବୁବେଳେ କୁହନ୍ତି ବର୍ଷାରେ ସାଙ୍ଗହୋଇ ଅଦାଦିଆ ଚା ପିଇବାର କାଳେ ମଜା ହି ଅଲଗା ।

ମୁଁ ନିରବରେ ସବୁ ଶୁଣୁଥାଏ । ଗୋଟେ ପଟେ ଆଗରେ ମୋ College Time ର Boyfriend ଆଉ ଆରପଟେ ମୋ Husband ସେ ଭିତରେ ଦୁହିଁଙ୍କ ଗପ ମଜ୍ଜିସାରିଥା । ମୋ Husband ଡାକ ପକାଇଲେ ଚା ମିଳିବ କି  ? ମୁଁ ତରବରରେ 2 Cup ଅଦାଦିଆ ଚା ବଢ଼ାଇଦେଲି । ଆଉ ଦୁହେଁ ଏକାବେଳେ ପଚାରିଲେ, ଆଉ ତୁମର  ? ମୁଁ କହିଲି ମୁ ଭିଜିନି ତେଣୁ ଚଳିବ । ହେଲେ ସେମାନେ ବାଧ କଲେ ଏବଂ ମୁଁ ଚା କପ ଧରି ବସିଲି ସେମାନଙ୍କ ମଝିରେ । ଚା ପିଇବାର ଇଚ୍ଛା ଆଦୌ ନଥାଏ । ଖାଲି Cup କୁ ଓଠରେ ଛୁଇଁ ଦେଇ ଫେରାଇ ଆଣୁଥାଏ । ହଠାତ୍ ସେ ଛିଡା ହୋଇଗଲେ ମୋ Husband ଙ୍କ ସହ ହାତ ମିଳାଇ କହିଲେ । Ok Thank

you, Good Bye. ମୋ Husband କହିଲେ Not goodbye, say only bye. Actually ଆପଣଙ୍କର ଆଉ ମୋର ଚିନ୍ତାଧାରାରେ ବହୁ Similarity ଅଛି । ତେଣୁ ଆମ ଭିତରେ ଭଲ Friendship ହୋଇପାରିବ । So Contact no. ଦିଅ ଆଉ କେବେ ଦେଖାହେବ । ସେ ଦୁହିଁଙ୍କ ଭିତରେ ଗପ ଚାଲୁଥାଏ ଆଉ ମୁଁ ଛତା ଦେଖାଇବାକୁ ଯାଇ ପୂରା ତିନ୍ତି ସାରିଥାଏ । ତାପରେ ପୂର୍ବବତ ସେ ମୋ ମୁଣ୍ଡଠାରୁ ଗୋଡ ଯାଏ ନଜର ବୁଲାଇଆଣି କହିଲେ ତୁମେ ବି ଭିଜିଗଲନା । Ok, Bye. Be a happy family. God bless u. ମୁଁ ଅବାକ୍ ହୋଇ ଚାହିଁ ରହିଥାଏ ତାଙ୍କର ଯିବା ବାଟକୁ । ସାରା ଦେହଟାରେ ମୋର ଉଷ୍ମତା ଭରିଯାଇଥାଏ । ଠିକ୍ ସେତିକି ବେଳେ ମୋ Husband ଡାକ ପକାଇଲେ ଅଦାଦିଆ ଗରମ ଚା ଟା ପିଇନିଅ । ନହେଲେ ତା ମଜା ସରିଯିବ ।

=○=